ଡିସିଏମ.୩୦୦/୦୮.୦୪.୨୧/୨୦୦୦-୦୧

ଜାନୁଆରୀ ୦୫, ୨୦୦୧

**ଅଧ୍ୟକ୍ଷ,**
**ସମସ୍ତ ବାଣିଜ୍ୟିକ ଏବଂ ସମବାୟ ବ୍ୟାଙ୍କ**

ମହାଶୟ,

**<u>୫୦୦ ଟଙ୍କିଆ ନୋଟର ଅଗ୍ରାହ୍ୟତା</u>**

କେତେକ ବ୍ୟାଙ୍କ ଶାଖା ଗୁଡିକ ୫୦୦ ଟଙ୍କିଆ ନୋଟ ଗ୍ରହଣ କରୁ ନଥିବା କିମ୍ବା ଜମାକାରୀମାନଙ୍କ ଦ୍ୱାରା ସେମାନଙ୍କର ନମ୍ବର ଇତ୍ୟାଦି ତାଲିକା ଭୁକ୍ତ କରାଇବା ପରେ ଗ୍ରହଣ କରୁଥିବା ବିଷୟ ଆମ୍ଭ ଦୃଷ୍ଟିକୁ ଆସିଛି।

୨. ଏଣୁ ଆମେ ଆମର ଚିଠି ନଂ ଡିସିଏମ ନଂ. ୯୨୭/୦୮.୦୭.୦୧/୯୭-୯୮, ତା ଜୁନ୍ ୧୮, ୧୯୯୮କୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁ ଏବଂ ପୁଣି ଥରେ ସ୍ପଷ୍ଟିକରଣ ଦେବାକୁ ଚାହୁଁ ଯେ ରିଜର୍ଭ ବ୍ୟାଙ୍କ ଦ୍ୱାରା ସମୟ କ୍ରମେ ଜାରି କରାଯାଇଥିବା ସମସ୍ତ ୫୦୦ ଟଙ୍କିଆ ନୋଟ ବୈଧ ଅଟେ ଏବଂ ସମସ୍ତ କାରବାର ପାଇଁ ଅବାଧରେ ଗ୍ରହଣ କରାଯାଉଛି।

୩. ନିକଟ ଅତୀତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସଂଶୋଧିତ ନୂତନ ରଂଗ ବ୍ୟବସ୍ଥା ଅନୁଯାୟୀ ଜାରୀ କରାଯାଇଥିବା ୫୦୦ ଟଙ୍କିଆ ନୋଟ ସଂକ୍ରାନ୍ତରେ ପ୍ରକାଶ କରାଯାଇଥିବା ବିଜ୍ଞାପନକୁ ମଧ୍ୟ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ସେଥିରେ ଜନସାଧାରଣଙ୍କୁ ପୁରୁଣା ସବୁଜ ୫୦୦ ଟଙ୍କିଆ ନୋଟ (ଜଳ ଛାପ ସ୍ଥାନରେ ଅଶୋକ ସ୍ତମ୍ଭ ସହ) ଗୁଡିକୁ ବଦଳାଇ ନୂଆ ୫୦୦ ଟଙ୍କିଆ ନୋଟ ନେବା ପାଇଁ ଆହ୍ୱାନ କରାଯାଇଥିଲା। ଆମେ ସ୍ପଷ୍ଟିକରଣ ଦେବାକୁ ଚାହିଁବୁ ଯେ ଏହା ଜନସାଧାରଣଙ୍କୁ ସେମାନଙ୍କ ପୁରୁଣା ୫୦୦ ଟଙ୍କିଆ ନୋଟ୍ ଗୁଡିକୁ ବଦଳ କରାଇ ଦେବା ପାଇଁ ଏକ ସୁବିଧା ମାତ୍ର। ଆମେ ଗୁରୁତ୍ୱ ଦେଉଛୁ ଯେ ଆମର ଏହି ବ୍ୟବସ୍ଥା ବ୍ୟାଙ୍କ ଗୁଡିକ ଦ୍ୱାରା ଏହି ୫୦୦ ଟଙ୍କିଆ ନୋଟ ଗୁଡିକୁ ଗ୍ରହଣ ନକରିବାରେ ଏକ କାରଣ ସ୍ୱରୂପ ଦର୍ଶାଇବା ଉଚିତ ନୁହେଁ।

୪. ଏଣୁ ଆପଣ ଦୟାକରି ସାଙ୍ଗେ ସାଙ୍ଗେ ଆପଣଙ୍କର ସମସ୍ତ ଶାଖାଗୁଡିକୁ ସମସ୍ତ ୫୦୦ ଟଙ୍କିଆ ନୋଟ୍ ଅବାଧରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଲୋକମାନଙ୍କ ମନରେ ଏହାକୁ ଭୟକରି ଏଡାଇ ଯିବାରୁ ନିବୃତ୍ତ ରହିବାରେ ସାହାଯ୍ୟ କରନ୍ତୁ ।

୫. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ

ଆପଣଙ୍କର ବିଶ୍ୱସ୍ତ,

**(ସି. କ୍ରିଷ୍ଣନ୍)**
**ମୁଖ୍ୟ ମହାପ୍ରବନ୍ଧକ**